# ପିଲାଙ୍କ ଧରିତ୍ରୀ

ଶନିବାର, ୧୪ ଡିସେମ୍ବର, ୨୦୧୯









ଆସ ଜାଣିବା ୩

୮ ଆଇନା

୭ ଜଣା -ଅଜଣା

ତୁମ ତୂଳୀରୁ ୪

୬ କବିତା







## ଖିଲିଖିଲି ହସ

ଥରେ ପୁପୁନ୍ ସିପୁନ୍ ଘରକୁ ବୁଲିବାକୁ ଆସିଥିଲା । ସିପୁନ୍‌ର ମା ପୁପୁନ୍‌କୁ କହିଲେ ପୁଅ ତୁ କ'ଣ ଖାଇବୁ ? ଖିରି ନା ହାଲୁଆ
ପୁପୁନ୍: ଆପଣଙ୍କ ଘରେ କ'ଣ ଗୋଟିଏ ହିଁ ଗିନା ଅଛି ?
ଆଣ୍ଟି: ନାଇଁତ ?
ପୁପୁନ୍: ତେବେ ଦୁଇଟିକୁ ମୋତେ ଦିଅନ୍ତୁ ।

**(ବାପା ପୁଅ ମଧ୍ୟରେ କଥାବାର୍ତ୍ତା)**
ବାପା: କିଏ ଫୋନ୍ କରିଥିଲା ?
ରାଜୁ: ସାଙ୍ଗ ଫୋନ୍ କରିଥିଲା ।
ବାପା: 'ବାସ୍ତବ'ରେ କହ କିଏ ଥିଲା ?
ରାଜୁ: ବାପା,ସଞ୍ଜୟ ଦତ୍ତ ।

(ପିଣ୍ଟୁ ପରିଶ୍ରମରୁ ନିଜକୁ ରକ୍ଷା କରିବାକୁ କିଛି ନା କିଛି ବାହାନା ଖୋଜେ)
ସଞ୍ଜୁ: ପିଣ୍ଟୁ, ଆସନ୍ତା ସପ୍ତାହରେ ହେବାକୁ ଥିବା ସାଇନ୍ସ ଟେଷ୍ଟ ଲାଗି କାହିଁକି ପରିଶ୍ରମ କରୁନୁ ?
ପିଣ୍ଟୁ: କାଲି ସ୍କୁଲ୍‌ରେ ମ୍ୟାଡମ୍ କହୁଥିଲେ ଅଧିକ ମିଠା ଯୋଗୁ ଡାଇବେଟିସ୍ ହୋଇଥାଏ । କଥାରେ ଅଛି ପରିଶ୍ରମର ଫଳ ମିଠା । ଏଣୁ ଡାଇବେଟିସ୍‌ରୁ ରକ୍ଷା ପାଇବା ଲାଗି ମୁଁ ପରିଶ୍ରମ କରୁନି !

## ଡାକ୍ତରଙ୍କ ବୁଦ୍ଧି




ଜଣେ ବୁଦ୍ଧିମାନ ଲୋକ ତା' ବୁଦ୍ଧିକୁ ଠିକ୍ ରୂପେ ଉପଯୋଗ କରି ସବୁ କାମରେ ସଫଳ ହୋଇଥାଏ । ଏହାକୁ ନେଇ ରହିଛି ଅନେକ କାହାଣୀ । ସେହିଭଳି ଗୋଟିଏ କାହାଣୀ ଏଠାରେ ପ୍ରଦତ୍ତ କରାଯାଉଛି ।

ଥରେ ଜଣେ ଭାରତୀୟ ଡାକ୍ତର ଆମେରିକା ଯାଇଥିଲେ । ଦୁର୍ଭାଗ୍ୟକୁ ତାଙ୍କୁ ସେଠାରେ ଚାକିରିଟିଏ ମିଳିଲା ନାହିଁ । ତେଣୁ ସେ ନିଜେ ଗୋଟିଏ କ୍ଲିନିକ୍ ଖୋଲିଲେ । ତା' ଆଗରେ ସାଇନ୍‌ବୋର୍ଡ଼ଟିଏ ମାରିଲେ – "ଚିକିତ୍ସା ପାଇଁ ଦେୟ ୨୦ ଡଲାର । କିନ୍ତୁ ଯଦି ରୋଗ ଭଲ ନ ହୁଏ ତେବେ ୧୦୦ ଡଲାର ଫେରସ୍ତ ମିଳିବ ।" ଜଣେ ଲୋଭି ଆମେରିକୀୟ ଓକିଲ ଏହା ଦେଖିଲେ । ସେ ଭାବିଲେ ଟିକେ ମିଛ କହିଦେଲେ ୧୦୦ ଡଲାର ରୋଜଗାର ହୋଇଯିବ । ତେଣୁ ସେ ବୁଦ୍ଧିଟିଏ ପାଞ୍ଚି କ୍ଲିନିକ୍ ଭିତରକୁ ଗଲେ ଏବଂ ଡାକ୍ତରଙ୍କୁ କହିଲେ– "ଆଜ୍ଞା ମୁଁ ମୋର ସ୍ୱାଦ ବାରିବା ଶକ୍ତି ହରାଇଛି । ଦୟାକରି ମୋତେ ଚିକିତ୍ସା କରନ୍ତୁ ।"

ଡାକ୍ତର ଜଣକ ଓକିଲଙ୍କ ରଙ୍ଗଢଙ୍ଗରୁ ତାଙ୍କ ମନକଥା ବୁଝିପାରିଲେ । ସେ ସଙ୍ଗେ ସଙ୍ଗେ ନର୍ସକୁ କହିଲେ– "ବାକ୍ସ ନମ୍ବର ୨୨ରେ ଥିବା ଔଷଧରୁ ୧୦ ବୁନ୍ଦା ରୋଗୀଙ୍କ ପାଟିରେ ଦିଅ ।"

ନର୍ସ ତାହା କଲେ । ହେଲେ, ଓକିଲ ସଙ୍ଗେ ଅ....ଅ...ହୋଇ ବାନ୍ତି କରି ପକେଇଲେ ଓ କହିଲେ ଓଃ ଏଗୁଡ଼ାକ ତ ଔଷଧ ନୁହେଁ, କିରୋସିନ ।"

ଡାକ୍ତର ଅଳ୍ପ ହସି ଜବାବ ଦେଲେ– "ଆପଣଙ୍କୁ ଅଭିନନ୍ଦନ ଜଣାଉଛି । ଆପଣଙ୍କ ସ୍ୱାଦ ବାରିବା ଶକ୍ତି ଫେରି ଆସିଛି । ଏବେ ମୋତେ ୨୦ ଡଲାର ଦିଅନ୍ତୁ ।" ଓକିଲ ଜଣକ ମନେ ମନେ ବିରକ୍ତ ହେଲେ । ତେବେ ତାଙ୍କୁ ୨୦ ଡଲାର ଦେଲେ ଏବଂ ଭାବିଲେ ଆଉ ଥରେ ଆସି ସୁଧମୂଳ ସହ ସବୁ ଆଦାୟ କରିନେବେ । କିଛିଦିନ ପରେ ଓକିଲ ଜଣକ ପୁଣି ସେହି କ୍ଲିନିକ୍‌କୁ ଆସିଲେ ଏବଂ କହିଲେ– "ଡାକ୍ତରବାବୁ, ଏଥର ମୁଁ ସ୍ମରଣ ଶକ୍ତି ହରାଇଛି । ମୋର କିଛି ମନେ ରହୁନାହିଁ ।"

ଏହା ଶୁଣି ଡାକ୍ତର ନର୍ସକୁ କହିଲେ– "ବାକ୍ସ ନମ୍ବର ୨୨ରେ ଥିବା ଔଷଧରୁ ୧୫ ବୁନ୍ଦା ତାଙ୍କ ପାଟିରେ ଦିଅ ।" ନର୍ସ ତାଙ୍କ କଥା ଅନୁସାରେ କାମ କଲେ । ଓକିଲ ଜଣକ ସଙ୍ଗେ ସଙ୍ଗେ ତାକୁ ପାଟିରୁ କାଢ଼ି ପକାଇଲେ ଏବଂ ବିରକ୍ତ ହୋଇ କହିଲେ–"ଏତ ସେହି କିରୋସିନ । ଗଲାଥର ମୋର ସ୍ୱାଦ ବାରିବା ଶକ୍ତି ଫେରାଇବା ପାଇଁ ଆପଣ ମୋତେ ଏହା ଦେଇଥିଲେ ।"

ଡାକ୍ତର ହସି ହସି କହିଲେ– "ଆପଣଙ୍କୁ ପୁଣି ଅଭିନନ୍ଦନ ଜଣାଉଛି । ଆପଣ ଆପଣଙ୍କ ସ୍ମୃତିଶକ୍ତି ଫେରି ପାଇଛନ୍ତି । ଏଇଥର ମୋତେ ମୋ ଫି 'ଦେଇ ଦିଅନ୍ତୁ ।" ଓକିଲ ଏଥର ଭୀଷଣ ରାଗିଗଲେ । ତେବେ ଆଉ କରିବେ କ'ଣ ? ଡାକ୍ତରଙ୍କୁ ୨୦ ଡଲାର ଦେଲେ ଏବଂ ମନେ ମନେ ସ୍ଥିର କରିଦେଲେ ଯେ ଆଉଥରେ ଆସିବେ ଏବଂ ଡାକ୍ତରଙ୍କ ଠାରୁ ଯେକୌଣସି ମତେ ୧୦୦ ଡଲାର ଆଦାୟ କରିବେ ।

ପ୍ରାୟ ସପ୍ତାହେ ଗଲା । ଓକିଲ ପୁଣି କ୍ଲିନିକକୁ ଆସିଲେ । ଆଖିକୁ ନ ଦିଶିବାର ବାହାନା କରି ଅଣ୍ଡାଳି ଅଣ୍ଡାଳି ହୋଇ ଡାକ୍ତରଙ୍କୁ କହିଲେ– 'ମୋର ଦୃଷ୍ଟି ଶକ୍ତି ପୂରା ନଷ୍ଟ ହୋଇଯାଇଛି । ମୁଁ କିଛି ଦେଖିପାରୁନି । ମୋତେ ଭଲ କରିବାର କିଛି ବ୍ୟବସ୍ଥା କରନ୍ତୁ ।" ଡାକ୍ତର ଜବାବ ଦେଲେ– "ଆଜ୍ଞା ମୁଁ ବଡ଼ ଦୁଃଖିତ ଯେ' ଏଥିପାଇଁ ମୋ ପାଖରେ କିଛି ଔଷଧ ନାହିଁ । ଏଣୁ ମୁଁ ଆପଣଙ୍କୁ ୧୦୦ ଡଲାର ଦେଉଛି । ଆପଣ ଅନ୍ୟ କେଉଁଠି ଚିକିତ୍ସାର ବ୍ୟବସ୍ଥା କରନ୍ତୁ ।" ଏହା କହି ଡାକ୍ତର ତାଙ୍କୁ ନୋଟ୍‌ଟିଏ ବଢ଼ାଇ ଦେଲେ । ଓକିଲ ବଡ଼ ଖୁସିରେ ତାଙ୍କ ଆଡ଼େ ଚାହିଁଲେ । କିନ୍ତୁ ନୋଟ୍‌ଟି ଦେଖିଲା ପରେ ବିରକ୍ତ ହୋଇ କହିଲେ– "ଆପଣ କ'ଣ ମତେ ଠକିବାକୁ ଚାହାନ୍ତି । ଏତ ୨୦ ଡଲାରର ନୋଟ୍ । ମତେ ୧୦୦ ଡଲାର କିପରି କହୁଛନ୍ତି ।" ଏଥର ଡାକ୍ତର ଜୋର୍‌ରେ ହସିଉଠିଲେ ଓ କହିଲେ– "ଆପଣଙ୍କୁ ପୁଣିଥରେ ଅଭିନନ୍ଦନ ଜଣାଉଛି । ଆପଣଙ୍କ ଦୃଷ୍ଟିଶକ୍ତି ବି ଫେରି ଆସିଛି । ମୁଁ ଏବେ ଏ ନୋଟ୍‌ଟି ଫେରାଇ ନେଉଛି । ଆପଣ ମୋତେ ଆଉ ୨୦ ଡଲାର ଦିଅନ୍ତୁ ।"

ଓକିଲ ବିଚରା ଆଉ କରିବେ କ'ଣ ? ବାଧ୍ୟ ହୋଇ ତାଙ୍କୁ ୨୦ ଡଲାର ଦେଲେ ଏବଂ ମନେ ମନେ ଭାବିଲେ ଏ ଡାକ୍ତରଗୁଡ଼ାକ ଭାରି ଚାଲାକ । ଯାଙ୍କୁ ଠକିବା ସହଜ ନୁହେଁ ।

**–କନକଲତା ପରିଡ଼ା,**
ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର,
ଭୁବନେଶ୍ୱର

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ । ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ । ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ ।

**ଆମ ଠିକଣା**
dharitrifeature@gmail.com

## ମତାମତ

★ ଆସ ଜାଣିବା ସ୍ତମ୍ଭରେ ପ୍ରକାଶ ପାଇଥିବା ଦୁବାଇସ୍ଥିତ 'ଓଲି ଓଲି' ମ୍ୟୁଜିୟମ୍ ବିଷୟରେ ପଢି ଆଶ୍ଚର୍ଯ୍ୟ ଲାଗିଲା । କହିଲ ଦେଖି ଏବଂ ଆସ ଖୋଜିବା କରିବାକୁ ମଜା ଲାଗୁଛି ।
– **ସ୍ୱରାଜ ପଣ୍ଡା,** ବିଡାନାସୀ, କଟକ

★ ଜଣା ଅଜଣା ପୃଷ୍ଠାଟି ବେଶ୍ ଉପାଦେୟ ହେଉଛି । ଏଥିରୁ ଅନେକ ତଥ୍ୟ ଜାଣିବାକୁ ମିଳୁଛି ।
– **ରିକି, ପିଙ୍କି,** ଇନ୍ଦିପୁର, ଢେଙ୍କାନାଳ

★ ଆଇନା ପୃଷ୍ଠାରେ ପ୍ରକାଶିତ ପ୍ରତିଟି ପିଲାଙ୍କ ଫଟୋ ଖୁବ୍ ସୁନ୍ଦର ଲାଗୁଥିଲା ।
– **ଶୁଭ୍ରାଂଶୁ ପୁହାଣ,** ନୂଆଗଡ,ଜଗତ୍‌ସିଂହପୁର


★ ହସକଥାରେ ସ୍ଥାନିତ ସ୍ୟାହି ପନିର ଓ ପନିର ଟିକା କଥା ପଢି ଖୁବ୍ ହସିଲି ।
– **ଅକ୍ଷଦା ମୁଦୁଲି,** ରାଉରକେଲା

## ବିନ୍ଦୁ ଯୋଡ଼






ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ପୃଥିବୀର ଉଦୟ

ବିଜ୍ଞାନ କଥା

ସକାଳ ହେବା ପରେ ଆମେ ପ୍ରତିଦିନ ପୂର୍ବାକାଶରେ ଲୋହିତ ବର୍ଣ୍ଣର ସୂର୍ଯ୍ୟଙ୍କୁ ଦେଖି ପୁଲକିତ ହେଉ ଏବଂ ତତ୍ ସଙ୍ଗେ ସଙ୍ଗେ ଏକ ନବୀନ ସମ୍ଭାବନା ସହ ଆରମ୍ଭ ହୋଇଥାଏ ପୁଣି ଏକ ନୂତନ ଦିବସ। ଦିନେ ପୁରୀର ବେଳାଭୂମିରେ ଉଦିତ ସୂର୍ଯ୍ୟଙ୍କ କିରଣ ଦେଖୁ ଦେଖୁ କୌତୂହଳବଶତଃ ମିଲି ବାପାଙ୍କୁ ପଚାରିଲା, ‘‘ସୂର୍ଯ୍ୟ ଉଦୟ ହେବା ତ ଆମେ ପ୍ରତିଦିନ ଦେଖୁଛେ, ମାତ୍ର ପୃଥିବୀ କ’ଣ ଏମିତି କେବେ ଉଦୟ ହୁଏ ?’’

ନବମ ଶ୍ରେଣୀରେ ପଢୁଥିବା ମିଲିର ଏତାଦୃଶ ପ୍ରଶ୍ନ ଶୁଣି, ବାପା କିପରି ଉତ୍ତର ଦେବେ ହଠାତ ନିର୍ଣ୍ଣୟ କରିପାରିଲେ ନାହିଁ। ସେଥିପାଇଁ ମିଲିକୁ ବୁଝାଇବାକୁ ଯାଇ ପ୍ରଶ୍ନ କଲେ, ‘‘ଆରେ ମା’ ମିଲି, ଭାରତୀୟ ବୈଜ୍ଞାନିକମାନେ ଚନ୍ଦ୍ରକୁ ପଠାଇଥିବା ଚନ୍ଦ୍ରଯାନ ବିଷୟରେ ଜାଣିଛୁ ତ ?’’ ମିଲି ଚଟାପଟ ଉତ୍ତର ଦେଲା, ୨୦୦୮ ଅକ୍ଟୋବର ୨୨ ତାରିଖରେ ଭାରତ ନିଜର ନାମକୁ ବିଶ୍ୱ ସମୁଦାୟ ସମ୍ମୁଖରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରେ ‘ଚନ୍ଦ୍ରଯାନ–୧’କୁ ଚନ୍ଦ୍ରକୁ ପ୍ରେରଣ କରି। ‘ଚନ୍ଦ୍ରଯାନ–୧’ ର ସଫଳତା ପରେ ‘ଚନ୍ଦ୍ରଯାନ–୨’ କୁ ୨୨ ଜୁଲାଇ ୨୦୧୯ ଦିନ ୨ଟା ୪୩ ମିନିଟ ସମୟରେ ଶ୍ରୀହରିକୋଟାର ସତୀଶ ଧାୱନ ଉତ୍କ୍ଷେପଣ କେନ୍ଦ୍ରରୁ ମହାକାଶକୁ ପଠାଇବାରେ ମଧ୍ୟ ସଫଳ ହୋଇଛି।



ମିଲିର ଉତ୍ତର ଶୁଣି ବାପା ଖୁସି ମନରେ କହିଲେ, ‘‘ତା’ହେଲେ ତତେ ଏଥର ବୁଝାଇବା ସହଜ।’’ ମିଲିର ପ୍ରଶ୍ନ ପ୍ରଶ୍ନାତୁର ଚକ୍ଷୁରେ ଭାସି ଉଠିଲା, ମାନେ ?

ଆରେ ଟିକେ ଧୈର୍ଯ୍ୟ ଧର, ସବୁ ବୁଝାଇ କହୁଛି। ମହାକାଶର ଅନ୍ୟାନ୍ୟ ଗ୍ରହ ନକ୍ଷତ୍ର, ତାରକାପୁଞ୍ଜ, ସୂର୍ଯ୍ୟ ଆଦି ପୃଥିବୀପୃଷ୍ଠରୁ ବହୁ ଦୂରରେ ଥିବାରୁ ଅତି ଛୋଟ ଦେଖାଗଲେ ମଧ୍ୟ ଆମେ ଭୂପୃଷ୍ଠରୁ ଥାଇ ସେମାନଙ୍କୁ ଦେଖି ପାରୁଛୁ। ପୁନଶ୍ଚ ପୃଥିବୀ ସୂର୍ଯ୍ୟଙ୍କୁ କେନ୍ଦ୍ରକରି କକ୍ଷପଥରେ ପରିକ୍ରମା ଓ ନିଜର ଅକ୍ଷ ପଥରେ ଘୂର୍ଣ୍ଣନ ଯୋଗୁ ପ୍ରତିଦିନ ସୂର୍ଯ୍ୟ ଉଦୟକୁ ଅନୁଭବ କରିପାରୁଛନ୍ତି। ତା’ଛଡ଼ା ଆମ ଦୃଷ୍ଟିର ପରିସୀମା ସୀମିତ ହେତୁ ଭୂପୃଷ୍ଠରେ ଥିଲେ ମଧ୍ୟ ସମ୍ପୂର୍ଣ୍ଣ ପୃଥିବୀ ଆମର ଦୃଷ୍ଟିଗୋଚର ହୋଇପାରେନା। ସେଥି ସକାଶେ ଆମେ ପୃଥିବୀର ପୂର୍ଣ୍ଣ ପରିକଳ୍ପନା କରିବାରେ ବିଫଳ ହେଉ।

ମାତ୍ର ତୁ ତ ଚନ୍ଦ୍ରପୃଷ୍ଠକୁ ମାନବ ଯିବା କଥା ଜାଣିଛୁ। ସେହିପରି ଜଣେ ବୈଜ୍ଞାନିକ ଥିଲେ ଆଣ୍ଡରସ। ୧୯୬୮ ମସିହାରେ ଆଣ୍ଡରସଙ୍କ ନେତୃତ୍ୱରେ ଆପୋଲୋ–୮ ଚନ୍ଦ୍ରକୁ ପରିକ୍ରମା କରୁଥିଲା। କିନ୍ତୁ ଦୁଃଖର କଥା, ଭିଏତନାମ ଯୁଦ୍ଧ, ମାର୍ଟିନ ଲୁଥର କିଙ୍ଗ ଜୁନିଅର ଆଉ ରବର୍ଟ କେନେଡିଙ୍କ ବର୍ବର ହତ୍ୟା ତଥା ଶୀତଳ ଯୁଦ୍ଧର ଭୟାବହ ହେତୁ, ଆପୋଲୋ–୮ ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ ପୂର୍ବରୁ ଆପୋଲୋ–୮ ମିଶନକୁ ବନ୍ଦ କରିବାକୁ ବାଧ୍ୟ ହୁଅନ୍ତି ଆଣ୍ଡରସ। ଆଉ ମିଶନ ଆପୋଲୋ–୮ ବନ୍ଦ ହେବାର କିଛି କ୍ଷଣ ପୂର୍ବରୁ ଆଣ୍ଡରସଙ୍କ ଦ୍ୱାରା ପୃଥିବୀର ଏକ ଉତ୍ତୋଳିତ ଫଟୋ ଚିତ୍ରକୁ ‘ପୃଥିବୀର ଉଦୟ’ ନାମରେ ନାମିତ କରାଯାଇଛି। ମିଲି ସବୁ ଶୁଣି ସାରିବା ପରେ, ପୁଣି ପ୍ରଶ୍ନ କଲା, ‘‘ପୃଥିବୀର ଉଦୟ ନାମକରଣରେ କିଛି ଯଥାର୍ଥତା ଅଛି କି ?’’

ଆଣ୍ଡରସଙ୍କ କହିବାନୁଯାୟୀ, ଚନ୍ଦ୍ରକୁ ପ୍ରଦକ୍ଷିଣ କରିବାର ଅନ୍ତିମ ସମୟରେ ସମ୍ପୂର୍ଣ୍ଣ ଅନ୍ଧକାରମୟ ବ୍ରହ୍ମାଣ୍ଡରେ ଏକ ମନମୁଗ୍ଧକର ଉଦ୍‌ଘୋଷିତ, ଉଜ୍ଜ୍ୱଳ ପିଣ୍ଡର ଆବିର୍ଭାବ ହେବା ପରି ପ୍ରତୀୟମାନ ହୁଏ। ଏହି ମହାର୍ଘ୍ୟ ସମୟକୁ କ୍ୟାମେରାରେ ବନ୍ଦୀ କରିବା ପରେ ଜଣାପଡେ ଏହା ପୃଥିବୀର ଫଟୋଚିତ୍ର ବୋଲି। ପୃଥିବୀର ଜନମାନସ ଯୁଦ୍ଧରେ ଲିପ୍ତ ଥିବାବେଳେ ଚନ୍ଦ୍ରପୃଷ୍ଠରୁ ଜଣାପଡେ ସତେଅବା ସଭିଏଁ କାନ୍ଧରେ କାନ୍ଧ ମିଳାଇ ଏକ ମାନବ ଶୃଙ୍ଖଳ ଗଠନ କରିବାର ସକ୍ରିୟ ଭୂମିକାରେ ଅବତୀର୍ଣ୍ଣ। ଯୁଦ୍ଧର ଅବସାନ ହେବ, ଆଉ ପୃଥିବୀବାସୀ ପରସ୍ପର ମଧ୍ୟରେ ଏକ ଭ୍ରାତୃଭାବର ପରିଚୟ ନେଇ ସଂକୀର୍ଣ୍ଣ ଚିନ୍ତାଧାରାରୁ ଉପରକୁ ଉଠିବେ ବୋଲି ଆଶାବାନ୍ଧି ଏକ ନୂତନ ପୃଥିବୀର ପରିକଳ୍ପନା କରିବା ଆଶାରେ ଆଣ୍ଡରସ ଉକ୍ତ ଚମତ୍କାର ଦୃଶ୍ୟମାନ ହେଉଥିବା ଫଟୋକୁ ‘ପୃଥିବୀର ଉଦୟ’ ବୋଲି ଯଥାର୍ଥ ନାମକରଣ କରିଥିଲେ, ବୋଲି ବାପା ବୁଝାଇ କହିଲେ।

ବାପାଙ୍କଠାରୁ ପୃଥିବୀ ଉଦୟର ସମ୍ପୂର୍ଣ୍ଣ ବିବରଣୀ ଶୁଣି ସାରିବା ପରେ ମିଲି ବେଳାଭୂମିରୁ ଘରକୁ ପ୍ରତ୍ୟାବର୍ତ୍ତନ କରୁ କରୁ କହିଲା – ଆମ ପୃଥିବୀ ଆମ ହାତରେ। ଆଉ ପୃଥିବୀକୁ ବଞ୍ଚାଇ ରଖିବାକୁ ହେଲେ, ଦେଶ ଦେଶ ସମୂହ ଯୁଦ୍ଧରୁ ନିବୃତ୍ତ ରହି ପରସ୍ପର ମଧ୍ୟରେ ସହଯୋଗର ହାତ ବଢ଼ାଇବା ହିଁ ଏକାନ୍ତ କାମ୍ୟ ହେବା ଉଚିତ।

**–ପ୍ରଶାନ୍ତ କୁମାର ମିଶ୍ର,** *ସହକାରୀ ପ୍ରଫେସର ( ଭୂତତ୍ତ୍ୱ ବିଜ୍ଞାନ), ସରକାରୀ ମହାବିଦ୍ୟାଳୟ, ସୁନ୍ଦରଗଡ଼, ମୋ: ୯୯୬୭୩୪୦୪୦୪*



# କାର୍ଡ ବୋର୍ଡରେ କାରିଗରି






ନିତିଦିନିଆ ଜୀବନରେ ଆମେ କାର୍ଡବୋର୍ଡର ବହୁଳ ବ୍ୟବହାର ଦେଖୁଛେ। ଜିନିଷ ସାଇତି ରଖିବା ଲାଗି ହେଉ ବା ପିଲାମାନଙ୍କ ଆର୍ଟ ଏବଂ କ୍ରାଫ୍ଟ ପ୍ରସ୍ତୁତ କରିବା ପାଇଁ ଆମେ ଏହି ସାଧାରଣ ବସ୍ତୁକୁ ବ୍ୟବହାର କରିଥାଉ। ତେବେ ଜାପାନର ମୋନାମୀ ଓହନୋ ନାମକ ଜଣେ ମହିଳା ଏହି କାର୍ଡ ବୋର୍ଡକୁ ବ୍ୟବହାର କରି ପ୍ରସ୍ତୁତ କରୁଛନ୍ତି ବିଭିନ୍ନ କଳା ସ୍ଥାପତ୍ୟ। ମୋନାମୀ ଜାପାନର ଓସାକା ସ୍କୁଲ ଅଫ୍ ଆର୍ଟରେ ପଢୁଥିବା ସମୟରେ ନିଜର ଏକ ପ୍ରୋଜେକ୍ଟ ପ୍ରସ୍ତୁତ କରିବା ପାଇଁ ଏହି କାର୍ଡବୋର୍ଡକୁ ବ୍ୟବହାର କରିଥିଲେ। ଏହାପରେ ତାଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ପ୍ରୋଜେକ୍ଟକୁ ବହୁଳ ପ୍ରଶଂସା ମିଳିଥିଲା। ସେବେଠାରୁ ଏହି କଳା ପ୍ରତି ତାଙ୍କର ଆଗ୍ରହ ବଢିବାରେ ଲାଗିଲା। ତାଙ୍କର ଏହି କଳାକୃତି ମଧ୍ୟରେ ରହିଛି ଘଣ୍ଟା, ମୋଟରସାଇକେଲ, କାର, ରୋବୋ, ଟ୍ୟାଙ୍କ, ସ୍ନାକ୍ସ ଇତ୍ୟାଦି । ଏହି ସବୁ ସ୍ଥାପତ୍ୟ ଏତେ ନିଖୁଣ ଭାବେ କରାଯାଇଥାଏ ଯେ ଯାହା ଦେଖିବାକୁ ଜୀବନ୍ତ ଲାଗେ। ନିଜ ସଉକ ପୂରଣ କରିବା ଲାଗି ମୋନାମୀ ପ୍ରସ୍ତୁତ କରୁଥିବା ଏହି କଳା କାରିଗରିକୁ ବିଭିନ୍ନ ପ୍ରଦର୍ଶନୀ ମାଧ୍ୟମରେ ଲୋକଙ୍କ ନିକଟକୁ ପହଞ୍ଚାଉଥିବା ବେଳେ ଅନ୍ୟମାନଙ୍କୁ ଏହାର ପ୍ରସ୍ତୁତି ପ୍ରଣାଳୀ ସମ୍ପର୍କରେ ତାଲିମ ମଧ୍ୟ ଦେଇଥାନ୍ତି।



ଆ|ସ|ଜା|ଣି|ବା



୧




୨





୩




୪



୫




୬



୭



୮



୯

୧



**ଦେବାଂଶ ମିଶ୍ର**
କ୍ଲାସ – ୪, ଡିଏଭି ପବ୍ଲିକ୍ ସ୍କୁଲ, ପୋଖରୀପୁଟ, ଭୁବନେଶ୍ୱର

୨



**ଆଦ୍ୟା ପଟ୍ଟନାୟକ**
କ୍ଲାସ – ୧, ସେଣ୍ଟ୍ ଜୋସେଫ୍ ହାୟର ସେକେଣ୍ଡାରୀ ସ୍କୁଲ, ଭୁବନେଶ୍ୱର

୩



**ଶ୍ରୁତି ସାରଦା**
କ୍ଲାସ–୩,ସେଣ୍ଟ ଭିନ୍‌ସେଣ୍ଟ କନ୍‌ଭେଣ୍ଟ ସ୍କୁଲ, ବ୍ରହ୍ମପୁର

୪



**ଶ୍ରେୟାଲ ପଣ୍ଡା**
କ୍ଲାସ – ୫, ସେଣ୍ଟ୍ ଯୋସେଫ୍ ହାଇସ୍କୁଲ, ଭୁବନେଶ୍ୱର

୫



**ମୀନକେତନ ଧରୁଆ**
କ୍ଲାସ – ୭, ବାଘମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟଣାଗଡ, ବଲାଙ୍ଗୀର

୬



**ନମିତା ବରିହା**
କ୍ଲାସ – ୭, ବାଘମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟଣାଗଡ, ବଲାଙ୍ଗୀର

୭



**ବି. ସୌମ୍ୟ ସିଦ୍ଧାର୍ଥ**
କ୍ଲାସ – ୨, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୟାବଜାର, କଟକ

୮



**ଅମନ କୁମାର ରଣା**
କ୍ଲାସ – ୫, ବଲାଙ୍ଗୀର ପବ୍ଲିକ୍ ସ୍କୁଲ, ବଲାଙ୍ଗୀର

୯



**ଓମ୍ ପ୍ରକାଶ ବାରିକ୍**
କ୍ଲାସ –୫, ବସନ୍ତପୁର ଇଂଲିଶ ମିଡିୟମ୍ ସ୍କୁଲ, ମୁର୍ଶିଦାବାଦ, ପଶ୍ଚିମବଙ୍ଗ

# କ ବି ତା



## ‘ମୁଁ ଶିଶୁଟିଏ ପରା’

ମତେ ଛାଡ଼ ଛାଡ଼
ବାନ୍ଧି ଦିଅ ନାହିଁ ମୋର ହାତ ଗୋଡ଼
ଦିନ ରାତି କହି ଖାଲି ପଢ଼ ପଢ଼
ମୁଁ ଖେଳିବି ବୁଲିବି ନାଚିବି ଗାଇବି
ଭାଙ୍ଗି ଦେବି ଯେତେ ସବୁ ବନ୍ଧ ବାଡ଼ ।
ମା’ କୋଳେ ବସି ତାରାଙ୍କୁ
ଗଣିବି ସଞ୍ଜ ହେଲେ
କେତେ ରଙ୍ଗ ଫୁଲ
ଦେଖିବି ସକାଳ ହେଲେ
ପଢ଼ପଢ଼ କହି କିଆଁ ଦିଅ ମାଡ଼ ?
ବଗିଚାରେ ବୁଲି ଧରିବି
କାହ୍ନିଙ୍କୁ ଛପି ଛପି
ଦେଖିବି ପ୍ରଜାପତିଙ୍କୁ
କେତେ ରଙ୍ଗ ଟୋପି ଟୋପି
ଲଦି ଦିଅ କିଆଁ ବ୍ୟାଗ୍ ଏତେ ବଡ଼ ?
ମତେ ଛାଡ଼ଛାଡ଼ ।

**–ବିଦ୍ୟାଧର ସାଥୁଆ**
ଚମ୍ପତିପୁର, ଇଟାମାଟି, ନୟାଗଡ଼




## ନିଷ୍ପାପ ହୃଦୟ ଯା’ର

କଅଁଳିଆ ଓଠେ ତା’ର
ହସର ମୁକୁତା ଝରେ
କୁନି କୁନି ଚାହାଣିରେ
ପ୍ରୀତିର ମାଦକ ଭରେ ।
ଦରୋଟି ଭାଷାରେ ତା’ର
ଥାଏ କେତେ ଆତ୍ମୀୟତା
ପରାଶରେ ଦେହ ତା’ର
ଖେଳିଯାଏ ମଧୁରତା ।
ସେହି ଶିଶୁ ଏ ଦେଶର
ଭବିଷ୍ୟତ କର୍ଣ୍ଣଧାର
ଆଜି କଳି କାଲି ଫୁଟି
ବିତରିବ ବାସରେ ।
ନିଷ୍ପାପ ହୃଦୟ ଯା’ର
ନାହିଁ କିଛି ଆବିଳତା
ହସି ହସାଇବ ଦିନେ
ଖେଳାଇବ ମହାନତା ।

**–ଜଗନ୍ନାଥ ସାମଲ**
ତୁଳସୀପୁର, ଭଣ୍ଡାରିପୋଖରୀ, ଭଦ୍ରକ






■ ବର୍ତ୍ତମାନ ଭାରତର ରାଜ୍ୟ ସଂଖ୍ୟା କେତେ ?
■ ଭାରତରେ କେତୋଟି କେନ୍ଦ୍ରଶାସିତ ଅଞ୍ଚଳ ଅଛି ?
■ ନିକଟରେ ଭାରତର କେଉଁ ଦୁଇଟି ସ୍ଥାନ କେନ୍ଦ୍ର ଶାସିତ ଅଞ୍ଚଳ ଅନ୍ତର୍ଭୁକ୍ତ ହେଲା ?
■ ‘ଦେବଭୂମି’ ଭାବେ ଭାରତର କେଉଁ ରାଜ୍ୟ ପରିଚିତ ?
■ ଭାରତର କେତୋଟି ରାଜ୍ୟ ଉପକୂଳବର୍ତ୍ତୀ ?

## ଆରଥରର ଉତ୍ତର

- ଗଛ
- ପତ୍ରଲିଖନ
- ଛାତ୍ର
- ଏଣ୍ଡୁଅ
- ନାସପାତି

## କହିଲ ଦେଖି



୧) ଯାହା ଦେଖେ ମୁହିଁ ଦେଖାଇ ଦିଏ
କଳାକାର ପାଖେ ପାଖେ ମୁଁ ଥାଏ
ମସୃଣ ମୋର ଦେହ
ସବୁ ପରେ ମୋର ଲୋଡ଼ା ପଡିଥାଏ
ମୋର ନାମଟି କୁହ ?
ଉତ୍ତର: **ଦର୍ପଣ**




୨) ଯେତେପାଣି ପିଇଥାଏ
ସେତେପାଣି ଓଗାଳେ
ମୋର ଲୋଡ଼ାପଡିଥାଏ
କିବା ସଞ୍ଜ ସକାଳେ
ଛାତ୍ରୀଛାତ୍ରଙ୍କର ବସ୍ତାନିରେ ଥାଏ
ଡେଙ୍ଗା ସ୍ୱଚ୍ଛ ମୋର ଦେହ
କହିଦିଅ ମୁଁ କିଏ ?
ଉତ୍ତର: **ପାଣି ବୋତଲ**





୩) କାଗଜ ସହିତ କାଗଜ ମିଶାଏ
କାଠ ସହିତ କାଠ
ଖେଳନା ଭାଙ୍ଗିଲେ ସଜାଡି ଦିଏ
ନ କରି ଟିକେ ମଠ
ଅଲଗା ଚମଡା ମିଶାଇ ଦିଏ
ବଜାରରେ ମିଳେ, କୁହ ମୁଁ କିଏ ?
ଉତ୍ତର: **ଅଠା**



୪) ମନରୁ ଭାବି ଲେଖି ଦିଅନ୍ତି
ଗପ ଓ ଗୀତ କେତେ
ତାଙ୍କରି ଲେଖା ବିଦ୍ୟାଳୟରେ
ପଢ଼ାନ୍ତି ଗୁରୁ ମୋତେ
ଧନ୍ୟ ତାଙ୍କ ମାତା ପିତା
କୁହ ସେ କିଏ ବୁଦ୍ଧିଦାତା ?
ଉତ୍ତର: **କବି ବା ଲେଖକ**

**– ନିରଞ୍ଜନ ପତି**, ବାଉଁଶିଆ, ମହିମାଗାଦି, ଢେଙ୍କାନାଳ
ମୋ:୯୯୩୮ ୧୩୩୫୫୯


## ଆସ ଖୋଜିବା




## ତୁମ ପଢ଼ିବା ପାଇଁ

# ଆମରି ଗପ ଆମରି ଗୀତ

ଏଥର ପିଲାଙ୍କ ପାଇଁ ଗଳ୍ପ ଓ କବିତା ସଙ୍କଳନ ‘ଆମରି ଗପ ଓ ଆମରି ଗୀତ’ରେ ରହିଛି କାଞ୍ଚିକଥା, ଅଡିରୁ ଇଡି, ଇଚିକିଲି ମିଚିକିଲି ଗୀତ, ଅବୋଲକରା ଗୀତ, ସରଗଶଶୀ ଗୀତ ପରି ରହିଛି ଅନେକ ମଜାଦାର କବିତା ଓ ଶିକ୍ଷଣୀୟ ଗଳ୍ପ । ଡ. ସୋମା ଚାନ୍ଦଙ୍କ ରଚିତ ଏହି ସଙ୍କଳନର ମୂଲ୍ୟ ୫୦ଟଙ୍କା । ଯୋଗାଯୋଗ: ଶିଶୁ କଲମ, ବି–୯, ସହିଦ ନଗର, ଭୁବନେଶ୍ୱର





* କଙ୍କିର ଆଖି ଡୋଳାରେ ପ୍ରାୟ
୩୦ ହଜାର ଲେନ୍ସ ଥାଏ।

* ମାଲେସିଆ ଏବଂ ଥାଇଲାଣ୍ଡରେ
ମାଙ୍କଡମାନଙ୍କୁ ଗଛରୁ ନଡିଆ ତୋଳିବା
ଲାଗି ତାଲିମ ଦିଆଯାଇଥାଏ।



*କୁକୁରମାନଙ୍କ ନିଃଶ୍ୱାସ ପ୍ରଶ୍ୱାସ ପାଇଁ ଦୁଇପ୍ରକାର
ଗମନ ପଥ ଥାଏ। ଗୋଟିଏ ପଥ ଶ୍ୱାସକ୍ରିୟାର କାର୍ଯ୍ୟ
କରୁଥିବା ବେଳେ ଅନ୍ୟ ପଥଟି ଘ୍ରାଣକ୍ରିୟା ପାଇଁ କାର୍ଯ୍ୟ
କରିଥାଏ। ତେଣୁ କୁକୁରମାନଙ୍କ ନାକରେ ଗନ୍ଧ ବହୁ
ସମୟ ଧରି ରହିଥାଏ।

# ଜଣା ଅଜଣା



* ହିମାଚଳ ପ୍ରଦେଶରେ ଥିବା କିବର ଗାଁକୁ
ପୃଥିବୀର ଉଚ୍ଚତମ ଗାଁ ବୋଲି କୁହାଯାଏ।
ଏହା ସମୁଦ୍ର ପତ୍ତନଠାରୁ ୪୮୫୦ ମିଟର
ଉଚ୍ଚରେ ଅବସ୍ଥିତ।






* ଉତ୍ତର ଆମେରିକାରେ
ଦେଖାଦେଉଥିବା
'ଶୁରକଭ' ନାମକ
ଏକ ପ୍ରକାର ହମିଙ୍ଗ
ବାର୍ଡ ପ୍ରଜାତି ପ୍ରତି
ମୁହୂର୍ତ୍ତରେ ନିଜର ରଙ୍ଗ
ବଦଳାଇଥାଏ।

# ଆଇନା



ହର୍ସିନୀ
୮ ବର୍ଷ



ଆମି
୫ ବର୍ଷ



ବିଭୂପ୍ରସାଦ
୯ ବର୍ଷ